**କୋଭିଡ୍ ନିୟମ ଉଲ୍ଲଂଘନ: ହୋଟେଲ ସିଲ୍**

ଝାରସୁଗୁଡ଼ା ଅଫିସ୍,୨୨।୫: ଝାରସୁଗୁଡା ଜିଲାରେ କରୋନା ସଂକ୍ରମଣ ବଢୁଥିବାବେଳେ ପ୍ରଶାସନ ପକ୍ଷରୁ ଶଟ୍‌ଡାଉନ ଓ ଲକ୍‌ଡାଉନ ଭଳି କଟକଣା ଜାରି କରାଯାଇଛି। ହେଲେ କେତେଜଣ ଅମାନିଆ ଏହା ପାଳନ କରୁ ନ ଥିବା ଦେଖାଯାଉଛି। ଫଳରେ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି କ୍ରମରେ ଝାରସୁଗୁଡା ମୁଖ୍ୟ ସହରରେ ଥିବା ଆନନ୍ଦ ଭବନ ହୋଟେଲ୍‌କୁ ପୋଲିସ ସିଲ୍ କରିଛି। ହୋଟେଲ ମାଲିକ କୋଭିଡ୍ ନିୟମ ପାଳନ ନ କରି ହୋଟେଲ ଖୋଲୁଥିଲେ। ପୋଲିସ ସମ୍ପୃକ୍ତ ହୋଟେଲ୍ ମାଲିକଙ୍କୁ ବାରମ୍ବାର ତାଗିଦ୍ ପରେ ମଧ୍ୟ ସେ ଶୁଣି ନ ଥିଲେ। ଫଳରେ ଟାଉନ ଥାନା ପୋଲିସ ହୋଟେଲ ସିଲ୍ କରିଥିବା ଜଣାପଡିଛି।

## ସଂକ୍ଷେପରେ

### ନଦୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

**ବ୍ରଜରାଜନଗର,୨୨।୫(ଡି.ଏନ.ଏ.):** ବ୍ରଜରାଜନଗର ଥାନା ଅନ୍ତର୍ଗତ ଓପିଏମ୍ ଇବ୍ ନଦୀରେ ବୁଡ଼ି ଶନିବାର ଜଣେ ନାବାଳକ ପ୍ରାଣ ହରାଇଛନ୍ତି। ସେ ହେଲେ ରିଣ୍ଟୁ ବୋଇରା (୧୫)। ସୂଚନା ଅନୁସାରେ ରିଣ୍ଟୁ ତାଙ୍କ ବଡ ଭାଇ ଓ ସାଙ୍ଗ ସହ ମିଶି ସକାଳେ ମର୍ନିଂ ୱାକ୍‌ରେ ବାହାରିଥିଲେ। ଘରକୁ ଫେରିବା ସମୟରେ ଗାଧୋଇବା ପାଇଁ ଇବ ନଦୀ ଘାଟକୁ ଯାଇଥିଲେ। ଗାଧୋଇବା ସମୟରେ ରିଣ୍ଟୁଙ୍କ ଗୋଡ ଖସିଯିବାରୁ ଗଭୀର ପାଣିରେ ବୁଡ଼ିଯାଇଥିଲେ। କୂଳରେ ଛିଡାହୋଇଥିବା ଭାଇ ଓ ସାଙ୍ଗ ପହଁରା ଜାଣି ନ ଥିବାରୁ ତାଙ୍କୁ ଉଦ୍ଧାର କରିପାରି ନ ଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରିଣ୍ଟୁଙ୍କୁ ଉଦ୍ଧାର କରି ସ୍ଥାନୀୟ କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ: ଆତ୍ମହତ୍ୟା ସନ୍ଦେହ

**ଦେବଗଡ଼, ୨୨।୫(ଡି.ଏନ.ଏ.):** ଦେବଗଡ଼ ଥାନା ଅନ୍ତର୍ଗତ ସୁଗୁଡା ଗ୍ରାମଦେଇ ଯାଇଥିବା ନାଳକଡରେ ଏକ ଗଛରୁ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସୁଗୁଡା ହରିଜନ ସାହିର ଗିରିଶ ଚନ୍ଦ୍ର ପାତ୍ର(୩୩) ଶୁକ୍ରବାର ରାତ୍ରିରେ ଖିଆପିଆ ସାରି ଘରେ ଶୋଇଥିଲେ। ମାତ୍ର ଶନିବାର ସକାଳେ ଗ୍ରାମର କନ୍ଧସାହି ନିକଟସ୍ଥ ନାଳକଡରେ ଥିବା ଏକ ଗଛରେ ତାଙ୍କର ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ଏ ସମ୍ପର୍କରେ ଦେବଗଡ ଆଦର୍ଶ ଥାନା ପୋଲିସକୁ ସୂଚନା ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ୍ୟୁର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡି ନ ଥିଲେ ମଧ ଗିରିଶ ଗତ କିଛିଦିନ ହେଲା ଏକାଧିକ ରୋଗରେ ଅସୁସ୍ଥ ହୋଇପଡିବା ସହ ମାନସିକ ଭାରାକ୍ରାନ୍ତ ଥିବାରୁ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି।

### ବଡ଼ଗାଁ: ୨୩୧ରୁ ୨୭ ପଜିଟିଭ

**ବଡ଼ଗାଁ,୨୨।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଓ କେତେକ ଗ୍ରାମରେ ଶନିବାର ଆଣ୍ଟିଜେନ ଟେଷ୍ଟରେ ୨୩୧ଜଣଙ୍କ ମଧ୍ୟରୁ ୨୭ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବଡ଼ଗାଁରେ ୪୫ରୁ ୧୨, ଜରଙ୍ଗଲୋଇରେ ୨୦ରୁ ୧, ବୁଢୁନାରେ ୧୫୧ରୁ ୧୩, ଏକମାରେ ୧୫ରୁ ଜଣେ ମୋଟ ୨୭ଜଣ ଚିହ୍ନଟ କରାଯାଇଛି। ଶୁକ୍ରବାର ୧୬୧ଜଣଙ୍କ ମଧ୍ୟରୁ ୨୨ ଚିହ୍ନଟ ହୋଇଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ରିଆମାଳ, ୨୨।୫ (ଡି.ଏନ୍.ଏ):** ଦେବଗଡ଼ ଜିଲା ରିଆମାଳ ସଦର ମହକୁମାର ବିଶିଷ୍ଟ



ଶିକ୍ଷାବିତ ଶରତ କୁମାର ନନ୍ଦଙ୍କ ସ୍ତ୍ରୀ ଶାନ୍ତିଲତାଙ୍କ ଗତ ୧୭ ତାରିଖ ସୋମବାର ରାତିରେ ପରଲୋକ ହୋଇଛି। ଶାନ୍ତିଲତା ଜଣେ ଧର୍ମ ପରାୟଣା, ପରୋପକାରୀ ଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ମୃତ୍ୟୁବେଳକୁ ପୁତ୍ର ବିମଳ ଚନ୍ଦ୍ର ନନ୍ଦ ଉପସ୍ଥିତ ଥିଲେ। ତାଙ୍କର ପୁତ୍ର ମୁଖାଗ୍ନି ଦେଇଥିଲେ। କନ୍ୟା ମଞ୍ଜୁଶ୍ରୀ ଶର୍ମା, ଜ୍ୱାଇଁ ମୋତିଲାଲ ଶର୍ମା ଦେବଗଡ଼ ଫାର୍ମାସିଷ୍ଟ ଆସୋସିଏସନ ସଭାପତି ତଥା ବହୁ ବିଶିଷ୍ଟ ବ୍ୟକ୍ତି ଶବାଧାରରେ ଯୋଗଦେଇଥିଲେ।

### ଶତାୟୁ ବ୍ୟକ୍ତିଙ୍କ ପରଲୋକ

**ନାକଟିଦେଉଳ,୨୨।୫(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ଜାମୁଯୋରୀ ଗ୍ରାମର ଶତାୟୁ ବ୍ୟକ୍ତି ଶରତ ଚନ୍ଦ୍ର ପ୍ରଧାନଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୧୧୦ବର୍ଷ ହୋଇଥିଲା। ଗତ କିଛିମାସ ହେଲା ସେ ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୨ପୁଅ, ୪ଝିଅ ଓ ଜ୍ୱାଇଁଙ୍କ ସମେତ ନାତିନାତୁଣୀ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ସାନପୁଅ ବିନୋଦ ପ୍ରଧାନ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପ୍ରଧାନ ଦୀର୍ଘବର୍ଷ ଧରି ଗାଁ ମୁଖିଆ ଭାବେ କାର୍ଯ୍ୟ ତୁଲାଇଥିଲେ। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଶଟ୍‌ଡାଉନ ମାନୁନାହାନ୍ତି ବ୍ୟବସାୟୀ

**ଝାରସୁଗୁଡ଼ା ଅଫିସ,୨୨।୫**

ଝାରସୁଗୁଡ଼ା ଜିଲାରେ କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି। ଏହାକୁ ରୋକିବା ପାଇଁ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ହୋଇଛି। ଜିଲା ପ୍ରଶାସନ ତରଫରୁ କେଉଁସବୁ ଦୋକାନ କେତେ ସମୟ ପର୍ଯ୍ୟ ଖୋଲାଯିବ ସେ ନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ଏହାର ତଦାରଖ ପାଇଁ ଜିଲା ପ୍ରଶାସନ ଓ ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଏହିସବୁ ସ୍କ୍ୱାଡ୍ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତକରି କୋଭିଡ୍ ନିୟମ ଉଲ୍ଲଂଘନ କରୁଥିବା ଦୋକାନ ସିଲ୍ କରିବା ସହ ବ୍ୟବସାୟୀଙ୍କୁ ଜରିମାନା କରୁଛନ୍ତି। ତଥାପି କେତେଜଣ ବ୍ୟବସାୟୀ ଏହାକୁ ମାନୁ ନାହାନ୍ତି। ରେଙ୍ଗାଲି ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱ ଛକମାନଙ୍କରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ଶନିବାର ଓ ରବିବାର ଶଟ୍‌ଡାଉନ ଜାରି ହୋଇଥିବାବେଳେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମାହାସିଂହ,





ଶନିବାର ଶଟ୍‌ଡାଉନରେ ମାହାସିଂହ ଛକରେ କେତେକ ଦୋକାନ ଖୋଲା ରହିଛି।

- ରାଜପଥ ପାର୍ଶ୍ୱରେ ଦୋକାନ ଖୋଲା
- ତାଗିଦ କରି ଫେରିଲା ପ୍ରଶାସନ

ଭିଖମପାଲି ଓ କନକତୋରା ଆଦି ଛକରେ କେତେକ ଦୋକାନ ବନ୍ଦ ରହୁଥିବାବେଳେ ଆଉ କେତେକ ଦୋକାନ ଖୋଲା ରହୁଛି। ଏହିସବୁ ଦୋକାନରୁ ଲୋକେ ସାମଗ୍ରୀ କିଣୁଥିବା ଦେଖାଯାଉଛି। ଏଭଳି ସ୍ଥିତି ଜାରିରହିଲେ ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କା ରହୁଛି। ଏ ଦିଗରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏଭଳି ସ୍ଥିତିରେ ଶନିବାର ଲଖନପୁର ବିଡିଓ ଓ ତହସିଲଦାର ଏହିସବୁ ଅଞ୍ଚଳ ଗସ୍ତ କରିଥିବାବେଳେ କେତେକ ଦୋକାନ ଖୋଲାଥିବା ଦେଖି ତାଗିଦ୍ କରି ଫେରିଆସିଛନ୍ତି। ପ୍ରଶାସନର ଏଭଳି କୋହଳ ମନୋଭାବ ଯୋଗୁ ଅଞ୍ଚଳରେ କୋଭିଡ୍ ନିୟମ ଠିକ୍‌ରେ ପାଳନ ହୋଇପାରୁନାହିଁ ବୋଲି ଏଠାରେ ଚର୍ଚ୍ଚା ହେଉଛି । ଏ ନେଇ ବିଡିଓ ସଞ୍ଜୀବ ପଟେଲ କହିଛନ୍ତି, ପ୍ରଥମଥର ପାଇଁ ଲୋକଙ୍କୁ ତାଗିଦ୍ କରାଯାଇଛି। ଯଦି ସେମାନେ ନ ମାନନ୍ତି ତା'ହାଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୨ ଦନ୍ତାହାତୀଙ୍କ ମଧ୍ୟରେ ଲଢ଼େଇ

**ବଡ଼ଗାଁ,୨୨।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳକୁ ଚଳିତବର୍ଷ ଧାନ ଅମଳ ପୂର୍ବରୁ ହାତୀପଲ ଆସି ଉପଦ୍ରବ କରିଥିଲେ। କିଛି ମାସ ପରେ ପୁଣି ୨ଟି ହାତୀ ଉଦାରମା ଜଙ୍ଗଲ ନିକଟରେ ଦେଖାଗଲା ପରେ ଜଙ୍ଗଲ ବିଭାଗର କର୍ମଚାରୀମାନେ ଘଉଡାଇବାକୁ ଉଦ୍ୟମ କରୁଛନ୍ତି। ବନବିଭାଗ କର୍ମଚାରୀମାନେ ହାତୀକୁ ଠାବ କରିବା ପାଇଁ ଯାଇଥିଲା



ବେଳେ ୨ଦନ୍ତା ମଧ୍ୟରେ ଲଢ଼େଇ ହେଉଥିବା ଦେଖିଥିଲେ। ହାତୀଦ୍ୱୟଙ୍କୁ ଦେଖି ଆଖପାଖ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ରହିଛି।

## କରୋନା ସ୍ଥିତି ପରଖିଲେ ଜିଲାପାଳ

**ରାଜଗାଙ୍ଗପୁର, ୨୨।୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ସହରରେ କୋଭିଡ୍ ହସ୍ପିଟାଲ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଛି। କିନ୍ତୁ ପ୍ରଶାସନ ତରଫରୁ ୬୯ ଶଯ୍ୟା ବିଶିଷ୍ଟ ଏକ ଅସ୍ଥାୟୀ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଛି ସହରର ଆଦର୍ଶ ବିଦ୍ୟାଳୟରେ। ଏହି ଅସ୍ଥାୟୀ କୋଭିଡ୍ କେୟାର ସେଣ୍ଟରକୁ ଶନିବାର ପରିଦର୍ଶନ କରିଥିଲେ ସୁନ୍ଦରଗଡ ଜିଲାପାଳ ନିଖିଲ ପୱନ କଲ୍ୟାଣ। ସେଣ୍ଟର ସ୍ଥିତି ବିଷୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହିତ ବିଭିନ୍ନ ଆଲୋଚନା କରିଥିଲେ। ଏଠାରେ ରୋଗୀଙ୍କ ପାଇଁ ରହିବା, ଖାଇବା, ଅକ୍ସିଜେନ ବ୍ୟବସ୍ଥା ରହିଛି। ଯେଉଁ ରୋଗୀମାନଙ୍କର ଗୁରୁତର ଲକ୍ଷଣ ରହିବ ସେମାନଙ୍କୁ ତୁରନ୍ତ ରାଉରକେଲା କିମ୍ବା ସୁନ୍ଦରଗଡ଼ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯିବା ପାଇଁ ବ୍ୟବସ୍ଥା ରହିଛି ବୋଲି ଜିଲାପାଳ କହିଥିଲେ। ଏଥି ସହିତ ଜିଲାପାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ପରିଦର୍ଶନ କରିଥିଲେ। ଟିକାକରଣ ଓ କରୋନା ଟେଷ୍ଟ ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହି ଗସ୍ତ ସମୟରେ ବିଡିଓ ପୀୟୂଷ ଲୋହାର, କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ସିଡିପିଓ ପୁଷ୍ପା ବାର୍ଲା, ଥାନାଧିକାରୀ ବିବିସ୍ପ ପ୍ରଧାନ, ଡାକ୍ତର ଜଗଦୀଶ ଟପ୍ପୋ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିନ୍ଦଲ ପକ୍ଷରୁ ଗରିବଙ୍କୁ ରାଶନ ସାମଗ୍ରୀ ବଣ୍ଟନ

**ଟେନ୍‌ସା,୨୨।୫(ଡି.ଏନ.ଏ)**

ଗରିବଙ୍କୁ ସହାୟତାର ହାତ ବଢ଼ାଇଲା ଟେନ୍‌ସାରେ ଥିବା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍। କୋଇଡ଼ା ବ୍ଲକ ଟେନ୍‌ସାରେ ଥିବା ଟିଆର୍‌ବି ଲୌହଖଣି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜେଏସ୍‌ପିଏଲ ଫାଉଣ୍ଡେସନ 'ମିଶନ ଜିରୋ ହଙ୍ଗର' ମାଧ୍ୟମରେ କରୋନାର ଭୟଙ୍କର ପ୍ରକୋପରେ ସମସ୍ତେ ନିଷ୍ପେସିତ ହେଉଥିବାବେଳେ ଗରିବଙ୍କ ସହାୟତା ପାଇଁ ଆଗେଇ ଆସିଛି ଜେଏସପିଏଲ ଫାଉଣ୍ଡେସନ। ରାଜ୍ୟ ସରକାର ଲକଡାଉନ ଘୋଷଣା କରିଥିବାବେଳେ କୋଇଡା ଅଞ୍ଚଳର ଗରିବ ଖଟିଖିଆ ଓ ଦିନମଜୁରିଆଙ୍କ ଜୀବନ ପ୍ରତି ଏହା ବିଶେଷ ପ୍ରଭାବ ପକାଇଛି। ଜେଏସ





ଟେନ୍‌ସା ଅଞ୍ଚଳରେ ଶୁଖା ରାସନ ଯୋଗାଇ ଦିଆଯାଉଛି।

ପିଏଲ ଫାଉଣ୍ଡେସନ ପକ୍ଷରୁ ଜିରୋ ପଏଣ୍ଟ, ବାହାମ୍ବା, ରାଇକେଲା, ବନ୍ଦଲ, ଡେଙ୍ଗୁଲା ଅଞ୍ଚଳର ପ୍ରତ୍ୟେକ ଅଭାବୀ ପରିବାରଙ୍କୁ ଦୁଇ ସପ୍ତାହର ଶୁଖା ରାସନ ଯୋଗେଇ ଦେଇଛନ୍ତି। ଲକ୍‌ଡାଉନ ନ ଖୋଲିବା ପର୍ଯ୍ୟନ୍ତ ପ୍ରତ୍ୟେକ ଅଭାବି ପରିବାରଙ୍କୁ ଅଗ୍ରୀମ ଭାବେ ପ୍ରତି ସପ୍ତାହ ପାଇଁ ଆଳୁ, ଡାଲି, ଚାଉଳ ବଣ୍ଟନ କରାଯିବ ବୋଲି ଜିନ୍ଦଲ ଜନ କଲ୍ୟାଣ ଅଧିକାରୀ ଅସିତ କୁମାର ବିଶୋଇ ପ୍ରକାଶ କରିଛନ୍ତି।

## ଅଙ୍ଗନୱାଡି କର୍ମୀଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି

**ବଡ଼ଗାଁ,୨୨।୫(ଡି.ଏନ୍.ଏ.)**

ଅଙ୍ଗନୱାଡି କର୍ମୀମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା, ବୀମାଭୁକ୍ତ କରିବା ଓ ସୁରକ୍ଷା ଉପକରଣ ଯୋଗାଇଦେବା ଦାବି କରି ଶୁକ୍ରବାର ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ଅଙ୍ଗନୱାଡି ସଂଘ କର୍ମକର୍ତ୍ତାମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ୨୪ତାରିଖ ଠାରୁ ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ଅଙ୍ଗନୱାଡି କର୍ମୀ ଘରକୁ ଘର ଯାଇ କରୋନା ସର୍ବେକ୍ଷଣ, ରୋଗୀ ଚିହ୍ନଟ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ କରୋନା ରୋଗୀ ଚିହ୍ନଟ ନିମନ୍ତେ ସ୍ୱାସ୍ଥ୍ୟ କର୍ମୀ ଓ ଆଶାକର୍ମୀଙ୍କୁ ପ୍ରୋତ୍ସାହନ ରାଶି ବାବଦକୁ ମାସିକ ଅତିରିକ୍ତ ୧ହଜାର ଟଙ୍କା, ସାଇକେଲ, ଜୋତା ସହିତ ଆଶାକର୍ମୀଙ୍କୁ ୧୦ହଜାର ଟଙ୍କା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ସମାନ ଭାବରେ କାମ କରୁଥିବା ଅଙ୍ଗନୱାଡି କର୍ମୀଙ୍କୁ ଏହିସବୁ ସୁବିଧାରୁ ବଞ୍ଚିତ କରାଯାଇଛି। କରୋନା ପ୍ରଥମ ଲହରରେ ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀଙ୍କୁ କରୋନା ଯୋଦ୍ଧା ଘୋଷଣା କରିଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ କରାଯାଇନାହିଁ। ଏ ଯାଏଁ ଘୋଷଣା କରାଯାଇଥିବା ବୀମାରାଶି ଓ ଅନ୍ୟାନ୍ୟ ସାହାଯ୍ୟ ସହଯାଗ ମିଳିନାହିଁ। ଦାବିପତ୍ରରେ କରୋନା ଯୋଦ୍ଧା ଘୋଷଣା, ବୀମାଭୁକ୍ତ କରିବା, ଅତିରିକ୍ତ ମାସିକ ପ୍ରୋତ୍ସାହନ, ସୁରକ୍ଷା ପାଇଁ ମାସ୍କ, ସାନିଟାଇଜର ଓ ସୁରକ୍ଷା କିଟ୍ ପ୍ରଦାନ, ଗତବର୍ଷ ସଙ୍ଗରୋଧ କେନ୍ଦ୍ର ଦାୟିତ୍ୱ ଏବଂ ପ୍ରବାସୀଙ୍କୁ ନିରୀକ୍ଷଣ ଦାୟିତ୍ୱ ତୁଲାଇଥିବା ଅଙ୍ଗନୱାଡି କର୍ମୀଙ୍କୁ ପାରିଶ୍ରମିକ ପ୍ରଦାନ ଓ ପରିବହନ ଖର୍ଚ୍ଚ ପାଇଁ ଉଲ୍ଲେଖ କରାଯାଇଛି। ଶୁକ୍ରବାର ସଂଘର ଜିଲା ଯୁଗ୍ମ ସମ୍ପାଦିକା ରାଜକୁମାରୀ ବଘାର, ବ୍ଲକ ଉପ ସଭାନେତ୍ରୀ ସୂର୍ଯ୍ୟ କିସାନ ବିଡିଓ କ୍ଷମାନିଧି ଭୋଇଙ୍କୁ ଦାବିପତ୍ର ଦେଇଛନ୍ତି।

## କରୋନା ଟେଷ୍ଟିଂ, ଚିକିତ୍ସା ଉପରେ ଗୁରୁତ୍ୱ



ପାଉଡ଼ିଭୂୟାଁ ସମ୍ପ୍ରଦାୟର ଲୋକଙ୍କୁ ଚିକିତ୍ସା କରାଯାଉଛି।

**ସୁନ୍ଦରଗଡ଼, ୨୨।୫(ଡି.ଏନ୍.ଏ.)**

**ପାଉଡ଼ିଭୂୟାଁ ଜନଜାତି ରହୁଥିବା ଅଞ୍ଚଳରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ଲାଗି ପଦକ୍ଷେପ**

ସୁନ୍ଦରଗଡ଼ ଜିଲାର ବଣାଇ ଉପଖଣ୍ଡ ଅଞ୍ଚଳରେ ବସବାସ କରୁଥିବା ପାଉଡ଼ିଭୂୟାଁ ସମ୍ପ୍ରଦାୟ ଲୋକଙ୍କ ଭିତରେ କରୋନା ସଂକ୍ରମଣ ଚେନ ଭାଙ୍ଗିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ସମ୍ପୃକ୍ତ ଅଞ୍ଚଳରେ ଟେଷ୍ଟିଂ, ଆଇସୋଲେସନ ଏବଂ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଆଦିବାସୀ ପାଉଡ଼ି ଭୂୟାଁ ସମ୍ପ୍ରଦାୟର ଲୋକେ ରହୁଥିବା ଅଞ୍ଚଳରେ ରାପିଡ ଆଣ୍ଟିଜେନ ପରୀକ୍ଷା କରାଯାଉଛି। ବର୍ତ୍ତମାନ ସୁଦ୍ଧା ୧୫ଟି ଗାଁରେ ଏହି ପରୀକ୍ଷା କରାଯାଇଛି। ପଲ୍‌ସ ଅକ୍ସିମିଟର ଏବଂ ଥର୍ମାଲ ସ୍କାନର ସାହାଯ୍ୟରେ ସମ୍ପୃକ୍ତ ଅଞ୍ଚଳରେ ଲୋକଙ୍କର ଅକ୍ସିଜେନ ଓ ତାପମାତ୍ରା ସ୍ତର ରେକର୍ଡ କରାଯାଉଛି। ରାପିଡ ରେସପନ୍ସ ଟିମ (ଆରଆରଟି) ଘରକୁ ଘର ବୁଲି ଲୋକଙ୍କର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରୁଛନ୍ତି। କୋଭିଡ୍ ପଜିଟିଭ ଚିହ୍ନଟ ହେଉଥିବା ବ୍ୟକ୍ତିଙ୍କୁ ଆଇସୋଲେସନରେ ରଖିବା ଲାଗି ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମସି) କରାଯାଇଛି। ଯଦି କୌଣସି ବ୍ୟକ୍ତିଙ୍କର ଅଧିକ ଚିକିତ୍ସା ଆବଶ୍ୟକ ପଡ଼େ ତାଙ୍କୁ କୋଭିଡ ହସ୍ପିଟାଲକୁ ନେବା ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ପ୍ରସ୍ତୁତ ହୋଇରହିଛି।

## ୨ ପିକ୍‌ଅପ୍ ଜବତ, ୧୬ ଗୋରୁ ଉଦ୍ଧାର



ଉଦ୍ଧାର ହୋଇଥିବା ଗାଈ,ବଳଦ।



ଜବତ ପିକ୍‌ଅପ୍ ଭ୍ୟାନ୍।

**ଝାରସୁଗୁଡ଼ା ଅଫିସ,୨୨।୫**

ରେଙ୍ଗାଲି ଥାନା ପୋଲିସ ଶୁକ୍ରବାର ରାତିରେ ଗୋରୁ ବୋଝେଇ ୨ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏହାର ନମ୍ବର ହେଉଛି ଓଡି୧୬ ଜି ୩୪୪୧, ଓଡି୧୬ ଏ୯୨୪୧। ଏହାସହ ୧୬ ଗୋଟି ଗାଈ, ବଳଦଙ୍କୁ ଉଦ୍ଧାର କରିଛି। ଏ ନେଇ ଥାନାରେ ଆନିମଲ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତ ଗାଡି ଚାଳକ ଓ ଗୋରୁ ବ୍ୟବସାୟୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ତୁରନ୍ତ ଏମାନଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ କହିଛନ୍ତି। ସୂଚନା ଅନୁଯାୟୀ ଗତ ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍ ଗୋରୁ ବୋଝେଇକରି ସୁନ୍ଦରଗଡ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଲିମ୍‌ଡିହି ଜଙ୍ଗଲରେ ଓଲଟି ପଡିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ରେଙ୍ଗାଲି ପୋଲିସ୍ ପହଞ୍ଚି ଜେସିବି ସାହାଯ୍ୟରେ ଗୋରୁ ବୋଝେଇ ଗାଡି ଉଦ୍ଧାର କରିଥିଲେ। ଏହି ସମୟରେ ରାସ୍ତା ଅବରୋଧ ହୋଇଥିବାରୁ ଆଉ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଯାଇ ନ ପାରି ଅଟକି ରହିଥିଲା। ପୋଲିସକୁ ଦେଖି ଗାଡିଛାଡି ଚାଳକ ଓ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଉଦ୍ଧାର ଗୋରୁଙ୍କୁ ଝାରସୁଗୁଡା ଗୋସାଳାରେ ଥଇଥାନ କରାଯିବ ବୋଲି ଆଇଆଇସି ପାଣିଗ୍ରାହୀ କହିଛନ୍ତି। ପୋଲିସ ତଦନ୍ତ ଅନୁଯାୟୀ ଗୋରୁ ବ୍ୟବସାୟୀମାନେ ୧୯ଖଣ୍ଡ ମୌଜାରୁ ଗାଈ, ବଳଦ କିଣି ବେଆଇନ୍ ଭାବେ ସୁନ୍ଦରଗଡ ଜିଲା କୁତ୍ରା ଅଞ୍ଚଳକୁ ନେଇ ସେଠାରୁ ପଶ୍ଚିମବଙ୍ଗ ଚାଲାଣ କରୁଛନ୍ତି।

## ସୁବର୍ଣ୍ଣପାଲି ଗ୍ରାମ କ୍ଷୁଦ୍ର ଆବଦ୍ଧାଞ୍ଚଳ ଘୋଷିତ

**ଦେବଗଡ଼,୨୨।୫(ଡି.ଏନ.ଏ)**

ଦେବଗଡ଼ ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସଂକ୍ରମିତ ଗ୍ରାମଗୁଡିକର ଲୋକଙ୍କୁ ଗାଁରୁ ନ ବାହାରିବା ପାଇଁ ପ୍ରଶାସନ ପକ୍ଷରୁ ଆକଟ କରାଯାଉଛି। ଏହି ପରିପ୍ରେକ୍ଷୀରେ ତିଲେଇବଣି ବ୍ଲକ ପ୍ରଶାସନ ପକ୍ଷରୁ ସୁବର୍ଣ୍ଣପାଲି ଗ୍ରାମକୁ କ୍ଷୁଦ୍ର ଆବଦ୍ଧାଞ୍ଚଳ ଘୋଷଣା କରାଯାଇଛି। ତିଲେଇବଣି ବ୍ଲକର ଅତିରିକ୍ତ ବିଡିଓ ସୁନୀଲ କୁମାର ଗୁରୁ ଓ ତିଲେଇବଣି ବ୍ଲକର କନିଷ୍ଠ ଯନ୍ତ୍ରୀ ବିକାଶ କୁମାର ବେହେରା ଦେବଗଡ ଥାନା ପୋଲିସ ସହ ଉକ୍ତ ଗ୍ରାମରେ ପହଞ୍ଚି ଆଗାମୀ ଏକ ସପ୍ତାହ ନିମନ୍ତେ ଗ୍ରାମକୁ କ୍ଷୁଦ୍ର ଆବଦ୍ଧାଞ୍ଚଳ ଘୋଷଣା କରିଥିଲେ। ଏହି ଅବସରରେ ସେମାନେ କରୋନା ସଂକ୍ରମଣ ଦୃଷ୍ଟିରୁ ଗ୍ରାମବାସୀ ଗାଁରୁ ବାହାରକୁ ନ ଯାଇ କୋଭିଡ୍ ନିୟମ ପାଳନ ପୂର୍ବକ ଘରେ ରହିବାକୁ ପରାମର୍ଶ ଦେଇଥିଲେ।

## ଗୋଡ଼ି ମିଶ୍ରିତ ଗହମ ହିତାଧିକାରୀଙ୍କୁ ପ୍ରଦାନ

**କୁତ୍ରା, ୨୨।୫(ଡି.ଏନ.ଏ)**

ଚଳିତ ମାସର ଦ୍ୱିତୀୟ ସପ୍ତାହରେ କୁତ୍ରା ବ୍ଲକର ବିଭିନ୍ନ ପଞ୍ଚାୟତରେ ଟଙ୍କିକିଆ ଚାଉଳ ଓ ଗହମ ବଣ୍ଟନ ଆରମ୍ଭ ହୋଇଛି। ମୁଣ୍ଡପିଛା ୫ କିଲୋ ଚାଉଳ ବା ଗହମ ପ୍ରଦାନ କରାଯାଉଛି। ଏଥିରେ ୨ମାସ ପାଇଁ ବଣ୍ଟନ ହେଉଛି। ଆଗକୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ମାଗଣା ଚାଉଳ, ଗହମ ଏବଂ ଡାଲି ଦେବାକୁ ଥିବାବେଳେ ବର୍ତ୍ତମାନ ଗହମ ନେଇଥିବା କେତେକ ଖାଉଟିଙ୍କ ଅଭିଯୋଗ ହେଲା ଯେ, ଗହମରେ ମାତ୍ରାଧିକ ଧୂଳି ରହିଛି। ଏପରିକି ଛୋଟଛୋଟ କାଚ ଟୁକୁରା, ଗୋଡ଼ି



ଧୂଳି, ଗୋଡ଼ି ମିଶିଥିବା ଗହମ।

ବାହାରୁଥିବାବେଳେ ଗହମରେ ପୋଲା ଅଂଶ ମଧ୍ୟ ରହିଛି। ଏନେଇ ଅଭିଯୋଗ କରିବା ପରେ ମଧ୍ୟ ପ୍ରତିକାର ହେଉନାହିଁ। ଚାଉଳ ସମ୍ପର୍କରେ ବିଶେଷ ଅଭିଯୋଗ ନ ଥିବାବେଳେ ଗହମ ନେଇ ଅଭିଯୋଗ ହୋଇଛି। ତେଣୁ ଗହମ ପରିବର୍ତ୍ତନ କରାଯାଉ କିମ୍ବା ବଣ୍ଟନ ବନ୍ଦ କରାଯାଇ ବିକଳ୍ପ ବ୍ୟବସ୍ଥା କରାଯାଉ ବୋଲି ଦାବି ହୋଇଛି। କରୋନା କାଳରେ ଗରିବ ଲୋକମାନେ ଉତ୍ତମ ପୁଷ୍ଟିକର ଖାଦ୍ୟ ପାଇ ପାରୁ ନ ଥିବାବେଳେ ଏପରି ଗହମ ବଣ୍ଟନ ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ଏଣୁ ଏଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଏହାର ପ୍ରତିକାର କରିବା ପାଇଁ ଦାବି ହେଉଛି।

## ଗ୍ରାମୀଣ ହାଟରେ କରୋନା କଟକଣା ଉଲ୍ଲଂଘନ

**କୁତ୍ରା,୨୨।୫(ଡି.ଏନ.ଏ.)**

ବର୍ତ୍ତମାନ ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଦ୍ରୁତ ଗତିରେ ବଢ଼ିବଢ଼ି ଚାଲିଥିବାବେଳେ ରାଜ୍ୟ ସରକାର ଏହାର ମୁକାବିଲା ପାଇଁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି। ସରକାର କୋଭିଡ୍ ଗାଇଡ଼ଲାଇନକୁ କଡାକଡ଼ି ଭାବରେ ପାଳନ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିବା ସହିତ ମାସ୍କ ପିନ୍ଧିବା, ସାନିଟାଇଜ ବ୍ୟବହାର, ସାମାଜିକ ଦୂରତା ଅବଲମ୍ବନ କରିବା ପ୍ରତି ଲୋକଙ୍କୁ ନିୟମିତ ଭାବେ ସଚେତନ କରୁଛନ୍ତି। ପୋଲିସ ଓ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ସଚେତନତା ଓ ଚେକିଂ କରାଯାଉଛି। କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ହେଉଛି ଯେ, ପୋଲିସ ଓ ପ୍ରଶାସନର ଚେକିଂ କେବଳ ରାଜ୍ୟ ରାଜପଥ ଉପରେ ସୀମିତ ରହିଯାଉଛି। ଫଳରେ ଗ୍ରାମାଞ୍ଚଳରେ ଲୋକେ ସଚେତନତା ଅବଲମ୍ବନ କରୁନାହାନ୍ତି। ୧୦ ନମ୍ବର ରାଜ୍ୟ ରାଜପଥ ଉପରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ପୋଲିସ, ପ୍ରଶାସନ ଯାଞ୍ଚ ଓ କଟକଣାରେ ବ୍ୟସ୍ତ ଥିବାବେଳେ କୁତ୍ରାରୁ ୬ କିଲୋମିଟର ଦୂରରେ ଥିବା ଖଟକୁରବାହାଲ ଭଳି ଘନ ଜନବହୁଳ ଅଞ୍ଚଳରେ ଆଜି ଥିଲା ବସିଥିଲା ପରିବା ବଜାର। କରୋନା କାଳରେ ହାଟ ବସେଇବା ପାଇଁ ସରକାର କଟକଣା ଜାରି କରିଥିବାବେଳେ ଏଠାରେ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଥିଲା ହାଟରେ ଅତ୍ୟନ୍ତ ଭିଡ଼ ଥିବାବେଳେ ଉଭୟ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରୁ ଅଧିକାଂଶ ମୁହଁରେ ମାସ୍କ ନ ଥିବା ସାଙ୍ଗକୁ ସାମାଜିକ ଦୂରତ୍ୱକୁ ମଧ ଲୋକେ ପାସୋରି ଦେଇଥିଲେ। ଏହା ପୋଲିସ ଓ ପ୍ରଶାସନ ନଜରରେ କାହିଁକି ପଡୁନି ବୋଲି ପ୍ରଶ୍ନ ଉଠିବା ସହିତ ପୋଲିସର ପାରିବାପଣିଆ ଉପରେ ସାଧାରଣରେ ପ୍ରଶ୍ନ ଉଠୁଛି। କୁତ୍ରା ଭଳି ଅଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲୋକଙ୍କୁ ଘଉଡ଼ାଇ ଦିଆଯାଉଥିବା ବେଳେ ଅନେକ ଛୋଟ ଛୋଟ ପରିବା ଦୋକାନୀଙ୍କୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଛି। ଏଦିଗରେ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଇ ଗ୍ରାମୀଣ ହାଟବଜାର ବନ୍ଦ କରିବାକୁ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।



ଖଟକୁରବାହାଲ ଅଞ୍ଚଳର ହାଟରେ ଭିଡ଼ ଲାଗିଛି।

## ନିଆଁ ଲାଗି ଘର ଜଳିଗଲା

ବରଗଡ଼ ଅଫିସ୍: ବରଗଡ଼ ଜିଲା ଭଟଲି ବ୍ଲକ କେଲେଣ୍ଡାପାଲି ପଞ୍ଚାୟତ ଖଲିଆପାଲି ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଗ୍ରାମର ଅକ୍ଷୟ ସିଂ(୭୦)ଙ୍କ ଘର ପୋଡ଼ି ଭସ୍ମୀଭୂତ ହୋଇଯାଇଛି । ଖବର ପାଇଁ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ପହଞ୍ଚିଥିଲେ। ସେତେବେଳକୁ ଅକ୍ଷୟଙ୍କ ଘରେ ଥିବା ସମସ୍ତ ଆସବାବ ପତ୍ର, ରାଶନ ସାମଗ୍ରୀ ପୋଡ଼ି ସାରିଥିଲା। ଖବର ପାଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉମେଶ କୁମାର ସେଠ ସେଠାକୁ ପହଞ୍ଚି ଅକ୍ଷୟଙ୍କୁ ତାରପୋଲିନ, ବସ୍ତ୍ର ଓ ରାଶନ ସାମଗ୍ରୀ ପ୍ରଦାନ କରିଥିଲେ। ରାଜସ୍ୱ ନିରୀକ୍ଷକ ଆଦିକନ୍ଦ ନାୟକ, ୱାର୍ଡ଼ସଭ୍ୟ ସୁଶାନ୍ତ ବରିହା, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଦାସପାଲି କଣ୍ଟେନମେଣ୍ଟ ଜୋନ

**ଲୋଇସିଂହା,୨୨।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ଅନ୍ତର୍ଗତ ଦାସପାଲିକୁ ଶୁକ୍ରବାର ଅପରାହ୍ନରୁ ସପ୍ତାହକ ପାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛି ବ୍ଲକ ପ୍ରଶାସନ । କରୋନାରେ ଜଣକର ମୃତ୍ୟୁ ଓ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏପରି ପଦକ୍ଷେପ ନିଆଯାଇଛି । ଗତ ସପ୍ତାହରେ ଦାସପାଲିର ଜଣେ ବଢ଼େଇ କାମ କରୁଥିବା ଯୁବକ କରୋନା ସଂକ୍ରମିତ ହୋଇଥିଲେ। ବଲାଙ୍ଗୀର କୋଭିଡ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହା ପରଠାରୁ ଗାଁରେ ସଂକ୍ରମିତ ସଂଖ୍ୟା ୧୪ରେ ପହଞ୍ଚିଛି। ଘରେ ଘରେ ଜ୍ୱର ଲାଗି ରହିଥିବାରୁ ସଂକ୍ରମିତ ସଂଖ୍ୟା ବୃଦ୍ଧି ଆଶଙ୍କା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ସପ୍ତାହେ ରହିଛି, ସଂକ୍ରମିତ ସଂଖ୍ୟା ବଢ଼ିଲେ କନଣ୍ଟେନମେଣ୍ଟ ଜୋନ ଅବଧି ବଢ଼ିବ ବୋଲି ବିଡିଓ ଭୁବନ ଶତପଥୀ କହିଛନ୍ତି।

### ଆଇସିୟୁ, ଭେଣ୍ଟିଲେଟର ଫଟୋ ଉଠାଇବା ଅଭିଯୋଗ, ଏମ୍‌ପି ପ୍ରତିନିଧିଙ୍କ ନାଁରେ ମାମଲା

**ବଲାଙ୍ଗୀର ଅଫିସ, ୨୨।୫:** ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଇସିୟୁ ଭିତର ଭେଣ୍ଟିଲେଟର ଫଟୋ ଉଠାଇବା ଅଭିଯୋଗରେ ବଲାଙ୍ଗୀର ଏମ୍‌ପିଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ଦିନେଶ ଶର୍ମାଙ୍କ ନାଁରେ ଟାଉନ୍ ଥାନାରେ ଏକ ମାମଲା (ନଂ.୨୯୪/୨୧) ରୁଜୁ ହୋଇଛି । ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ । ଶର୍ମାଙ୍କ ବିରୋଧରେ ଆଇପିସି ଧାରା ୪୪୮, ୫୪ ଡିଜାଷ୍ଟର ମ୍ୟାନେଜମେଣ୍ଟ ଆକ୍ଟ ଏବଂ ୩ ଆପିଡେମିକ୍ ଆକ୍ଟରେ ମାମଲା ରୁଜୁ କରାଯାଇଥିବା ଟାଉନ୍ ଥାନା ସୂତ୍ରରୁ ଜଣାପଡିଛି । ଏ ନେଇ ଶର୍ମାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ମୋବାଇଲ ସୁଇଜ୍ ଅଫ୍ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ । ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ୨୦ଟି ଭେଣ୍ଟିଲେଟର ଚାଲୁ ନ ଥିବା ସମ୍ପର୍କରେ ଶର୍ମା ଗଣମାଧ୍ୟମକୁ ଲୁଗା ଢ଼ଙ୍କାଯାଇଥିବା ଭେଣ୍ଟିଲେଟର ଫଟୋ ସହ ଅଭିଯୋଗ କରିବା ପରେ ଏନେଇ ଗଣମାଧମରେ ଖବର ପ୍ରକାଶିତ ହୋଇଥିଲା । ଏହି ଘଟଣାକୁ ନେଇ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଥାନାରେ ଅଭିଯୋଗ କରିଥିବା କୁହାଯାଇଛି ।

### ବିଦ୍ୟୁତ୍ ସଂସ୍ପର୍ଶରେ ରାଜମିସ୍ତ୍ରି ମୃତ

**ପଦ୍ମପୁର,୨୨।୫(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଦେଉଲୀ ଗ୍ରାମରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ରାଜମିସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦେଶାନ୍ତର ମୁନା। ଗ୍ରାମରେ ଚାଲିଥିବା ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟରେ ସେ ନିୟୋଜିତ ଥିଲେ। ସେହି ଗୃହର ଛାତ ଉପରେ ୧୧କେ.ଭି କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଯାଇଛି । ଛାତ ଉପରେ ଥିବାବେଳେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି ।

### ୧ ନଂ. ୱାର୍ଡ଼ କଣ୍ଟେନମେଣ୍ଟ ଜୋନ

**ବରପାଲି,୨୨।୫(ଡି.ଏନ.ଏ):** ବରଗଡ଼ ଜିଲା ବରପାଲି ବ୍ଲକ ବରମକେଲା ଗ୍ରାମର ୱାର୍ଡ଼ ନଂ-୧କୁ ଶନିବାର କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । ଉକ୍ତ ୱାର୍ଡ଼ରେ ୧୩ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ବରପାଲି ବିଡ଼ିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଅଶୋକ ବାଗ, ସରପଞ୍ଚ ମେନକା ପ୍ରଧାନ ପ୍ରମୁଖ ଉକ୍ତ ୱାର୍ଡ଼କୁ ଯାଇଥିଲେ ଏବଂ କଣ୍ଟେନମେଣ୍ଟ ଜୋନ ଉପରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଇଥିଲେ ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଟିଟିଲାଗଡ, ୨୨।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ସାହୁ(୮୭)ଙ୍କ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ମୃତ୍ୟୁ ସମୟରେ ଦୁଇପୁଅ ମନୋଜ ଓ କିଶୋର ଉପସ୍ଥିତ ଥିଲେ । ସେ ତାଙ୍କର ଚାକିରି ଜୀବନ କୋମନାରୁ ଆରମ୍ଭ କରି ଟିଟିଲାଗଡ଼ ବାଳକ ଉଚ୍ଚ ବିଦ୍ୟାଳୟରେ ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।

# ନର୍ସରି ୱାଚ୍‌ମ୍ୟାନଙ୍କୁ ଗୁଳିକରି ହତ୍ୟା

**ବଲାଙ୍ଗୀର ଅଫିସ/ସଇଁତଲା, ୨୨।୫ (ଡ଼ି.ଏନ.ଏ.)**

**ରାତ୍ରି ପାଟ୍ରୋଲିଂ ବେଳେ ଘଟିଥିଲା ଘଟଣା**



- ଗୁଳି କରି ଦୁଇ ଦୁର୍ବୃତ୍ତ ଫେରାର
- ଦୁଇ ସନ୍ଦିଗ୍ଧଙ୍କୁ ପଚରାଉଚରା କରୁଛି ପୋଲିସ
- କରମତଲା ଗାଁରେ ଉତ୍ତେଜନା, ରାସ୍ତାରୋକୋ
- ଏସପି, ଡିଏଫଓ କଲେ ଘଟଣାସ୍ଥଳ ପରିଦର୍ଶନ

ବଲାଙ୍ଗୀର ଜିଲା ସଇଁତଲା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ କରମତଲା ଗ୍ରାମ ନିକଟ ଜଙ୍ଗଲରେ ଶୁକ୍ରବାର ରାତିରେ ପାଟ୍ରୋଲିଂ ବେଳେ ଜଣେ ଫରେଷ୍ଟ ନର୍ସରୀ ୱାଚରଙ୍କୁ ଗୁଳିକରି ହତ୍ୟା କରାଯାଇଛି । ଦୁଇ ଦୁର୍ବୃତ୍ତ ଗୁଳି କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ମୃତ ନର୍ସରୀ ୱାଚର କରମତଲା ଗ୍ରାମର ଯୋଗେଶ୍ୱର ବୁଡେକ୍ (୧୯) । ଶୁକ୍ରବାର ରାତିରେ ଫରେଷ୍ଟର ସୁଧୀର କୁମାର ଜେନାଙ୍କ ସହ ନର୍ସରୀ ୱାଚର ଯୋଗେଶ୍ୱର କରମତଲା ଗ୍ରାମ ନିକଟ ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ। ଏତିକିବେଳେ ଦୁଇଜଣ ବ୍ୟକ୍ତି ଏକ ବନ୍ଧୁକ ଧରି ବାଇକରେ ଜଙ୍ଗଲ ଭିତରକୁ ଯାଉଥିଲେ । ରେଙ୍ଗାଲବାହାଲ ଚାରିଛକଠାରେ ସମ୍ପୃକ୍ତ ଦୁଇଜଣ ବ୍ୟକ୍ତିଙ୍କୁ ଫରେଷ୍ଟର ଜେନା ଅଟକାଇ ବନ୍ଧୁକ ଧରି କୁଆଡେ ଯାଉଛ ବୋଲି ପଚାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବନ୍ଧୁକ ଧରିଥିବା ବ୍ୟକ୍ତିଜଣକ ଗୁଳି ଚଳାଇଥିଲେ। ଗୁଳି ୱାଚର ଯୁଗେଶ୍ୱରଙ୍କ ଡ଼ାହାଣ ପଟ ଛାତି ତଳେ ବାଜିଥିଲା ଓ ସେ ଟଳି ପଡିଥିଲେ । ଯୋଗେଶ୍ୱର ଟଳି ପଡିବା ଦେଖି ଦୁଇ ଦୁର୍ବୃତ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଫରେଷ୍ଟର ଜେନା ଆମ୍ବୁଲାନ୍ସ ଡ଼କାଇ ଯୋଗେଶ୍ୱରକୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଗୁରୁତର ଆହତ ଯୋଗେଶ୍ୱରଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲେ ମଧ କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇବା ପରେ ସଇଁତଲା ଥାନାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଓ ରେଞ୍ଜର ରାଜକିଶୋର ହରପାଲ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଶନିବାର ସକାଳେ ଏସ୍‌ପି ନିତିନ କୁଶଲକର, ଟିଟିଲାଗଡ ଏସଡିପିଓ ସୁରେନ୍ଦ୍ରନାଥ ଶତପଥୀ ସଇଁତଲା ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଗୁଳିକାଣ୍ଡ ଘଟଣାର ସମୀକ୍ଷା କରିଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଛାନ୍‌ବିନ୍ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଦୁଇଜଣ ସନ୍ଦିଗ୍ଧଙ୍କୁ ପଚରାଉଚରା କରାଯାଉଥିବା ଏସପି କୁଶଲକର ସୂଚନା ଦେଇଛନ୍ତି। ତଦନ୍ତ ଜାରି ରହିଛି । ବଲାଙ୍ଗୀର ବନଖଣ୍ଡ ଅଧିକାରୀ ସମୀର ଶତପଥୀ ଘଟଣାସ୍ଥଳକୁ ଯିବା ସହ କରମତଲା ଗାଁକୁ ଯାଇ ମୃତ ୱାଚର ବୁଡେକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ତାଙ୍କ କ୍ଷମତା ଅନୁଯାୟୀ ପରିବାରର ଜଣକୁ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡିଏଫ୍ଓ ଶତପଥୀଙ୍କୁ କେତେକ ଘେରି ମୃତକଙ୍କ ପରିବାରବର୍ଗଙ୍କୁ ଉଚିତ୍ କ୍ଷତିପୂରଣ ଦାବି କରିଥିଲେ। ଯୁଗେଶ୍ୱରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ହସ୍ପିଟାଲକୁ ନିଆଯାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହକୁ ଆଣି କିଛି ଲୋକ ସନ୍ଧ୍ୟାରେ କରମତଲା ଗାଁ ମୁଣ୍ଡ ରାସ୍ତା ଉପରେ ରଖି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିବା ସହ ରାସ୍ତାରୋକୋ କରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର ହୋଇନାହିଁ । ଏ ସଂକ୍ରାନ୍ତରେ ପୋଲିସ ସଇଁତଲା ଥାନାରେ ଏକ ମାମଲା (ନଂ.୧୩୩/୨୧) ରୁଜୁ କରି ତଦନ୍ତ ଜାରି ରଖିଛି । ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ତିନିଜଣ ବ୍ୟକ୍ତିଙ୍କୁ ଅଟକ ରଖାଯିବା ସହ ସେମାନଙ୍କ ଠାରୁ ପୋଲିସ ଏକ ବନ୍ଧୁକ ଉଦ୍ଧାର କରିଥିବା ଜଣାପଡିଛି।

# ବାହାରିଲା କରୋନା ସଚେତନତା ରଥ



ବରଗଡ଼ ସିଭିଲ୍ କୋର୍ଟ ପରିସରରେ କରୋନା ସଚେତନତା ରଥର ଶୁଭାରମ୍ଭ କରାଯାଉଛି ।

**ବରଗଡ଼ ଅଫିସ୍,୨୨।୫**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ ଶୁକ୍ରବାର ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଜଜ୍ ସଞ୍ଜୟ କୁମାର ସାହୁ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସ୍‌ପି ପଦ୍ମିନୀ ସାହୁ ଏବଂ ଅନ୍ୟ ବିଚାରପତି ଉପସ୍ଥିତ ରହି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ନୀଳିମା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କରୋନା ସଚେତନତା ରଥ ୭ଦିନ ଧରି ଜିଲାର ବିଭିନ୍ନ ଗ୍ରାମ ପରିକ୍ରମା କରି କରୋନା ସଂକ୍ରମଣ ପ୍ରତିହତ ପାଇଁ ଲୋକଙ୍କୁ ସଚେତନ କରିବା ସାଙ୍ଗକୁ କୋଭିଡ୍ ଗାଇଡ୍‌ଲାଇନ୍ ଉପରେ ଅବଗତ କରୁଛି । ସେହିପରି ଲୋକଙ୍କୁ ଶୁଖିଲା ଖାଦ୍ୟ ମଧ୍ୟ ବଣ୍ଟନ କରାଯାଉଛି ବୋଲି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ।

# ବୁଲିଲା କରୋନା ସଚେତନତା ରଥ

**ନୂଆପଡା ଅଫିସ,୨୨।୫**

ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଆଦିମ ଜନଜାତି ଭୁଞ୍ଜିଆ ଓ ପ୍ରହରିଆ ସମ୍ପ୍ରଦାୟର ଲୋକଙ୍କୁ କରୋନା ଛୁଇଁନାହିଁ। ତଥାପି ଜିଲା ପ୍ରଶାସନ ତରଫରୁ ଶନିବାର କରୋନା ସଚେତନତା ରଥ ସୁନାବେଡାବାସୀଙ୍କୁ ସଚେତନ କରିଛି। ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସୁନାବେଡା ଦ୍ୱାରା ଏକ ରଥ ବାହାରି ସୁନାବେଡାର ସମସ୍ତ ଗାଁକୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତାର ବାର୍ତ୍ତା ଦେଇଛି।

# କୋଭିଡ୍ ସମୀକ୍ଷା କଲେ ଜିଲାପାଳ

**ବରଗଡ଼ ଅଫିସ୍,୨୨।୫**



ଝାରବନ୍ଧ କୋଭିଡ୍ କଣ୍ଟ୍ରୋଲ ରୁମ୍‌ରେ ଜିଲାପାଳ ସମୀକ୍ଷା କରୁଛନ୍ତି।

ବରଗଡ଼ ଜିଲାରେ କରୋନା ସଂକ୍ରମଣ ଅଣାୟତ୍ତ ହୋଇପଡ଼ିଛି। ଜିଲାର ଗ୍ରାମାଞ୍ଚଳରୁ ସହାରାଞ୍ଚଳ ଯାଏ ସବୁଠି ଦୈନିକ ନୂଆ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ଆଶାନୁରୂପ ହ୍ରାସ ପାଉନାହିଁ। ଅନ୍ୟପଟେ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ଗୁଡ଼ିକରେ ବିଭିନ୍ନ ଅବ୍ୟବସ୍ଥା ଚିନ୍ତା ବଢ଼ାଇ ଦେଇଛି। ଏହି ଦୃଷ୍ଟିରୁ ସଂକ୍ରମଣକୁ ପ୍ରତିହତ କରିବା ଏବେ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି। ଶନିବାର ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପଦ୍ମପୁର ଉପଖଣ୍ଡ ଝାରବନ୍ଧ, ଗାଇସିଲେଟ ବ୍ଲକ କୋଭିଡ୍ କଣ୍ଟ୍ରୋଲ ରୁମ୍‌କୁ ଅଚାନକ ଗସ୍ତ କରିଥିଲେ। ସେଠାରେ ବିଭାଗୀୟ ଅଧିକାରୀଙ୍କୁ ଭେଟି ସମ୍ପୃକ୍ତ ଅଞ୍ଚଳର କୋଭିଡ୍ ସ୍ଥିତି ଉପରେ ପଚରାଉଚୁରା କରିଥିଲେ। ଏହାସହିତ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ କୌଣସି ଅବହେଳା ନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପ୍ରଧାନ ପରାମର୍ଶ ଦେଇଥିଲେ ।

# ଚାଷୀଙ୍କ ଅଭିଯୋଗ ଶୁଣିଲେ ଉପ ଜିଲାପାଳ

**କୋକସରା,୨୨।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଉପଜିଲାପାଳ ଦିବାକର ଟିଏସ୍ ଶନିବାର କାଉଡୋଲା ପଞ୍ଚାୟତ ଗସ୍ତ କରି ବୋରୱେଲ ଖନନ ନେଇ ଚାଷୀଙ୍କ ଅଭିଯୋଗ ଶୁଣିଛନ୍ତି। ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। କୋକସରା ବ୍ଲକ କାଉଡୋଲା ପଞ୍ଚାୟତର କେତେଜଣ ଚାଷୀ ଉଠା ଜଳସେଚନ ନିଗମ ଦ୍ୱାରା ବିଜୁ କୃଷକ କଲ୍ୟାଣ ଯୋଜନାରେ ବୋରୱେଲ ଖନନ ପାଇଁ ଗତବର୍ଷ ଫେବୃୟାରୀରେ ଅନ୍‌ଲାଇନ ଜରିଆରେ ଆବେଦନ କରିଥିଲେ । ଏଥିପାଇଁ ଆବଶ୍ୟକ ଟଙ୍କା ମଧ ଜମା କରିଥିଲେ । କିନ୍ତୁ ଅଦ୍ୟାବଧି ବୋରୱେଲ ଖନନ ହୋଇ ପାରି ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଲାଗି ରହିଛି। ନିକଟରେ କାଉଡୋଲା ପଞ୍ଚାୟତର ଚାଷୀ ଗଜାନନ ନାଏକ ଧର୍ମଗଡ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏ ନେଇ ଅଭିଯୋଗ କରିଥିଲେ। ଧର୍ମଗଡ ଉପ ଜିଲ୍ଲାପାଳ ଟିଏସ୍ କାଉଡୋଲା ପଞ୍ଚାୟତରେ ପହଞ୍ଚି ଏ ନେଇ ଚାଷୀମାନଙ୍କ ସମସ୍ୟା ଶୁଣିବା ସହ ଅତିଶୀଘ୍ର ଚାଷୀଙ୍କ କାଗଜପତ୍ର ଯାଞ୍ଚ କରି ବିହିତ ବ୍ୟବସ୍ଥା କରିବାକୁ କୃଷି ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉପ ଜିଲାପାଳ ଚାଷୀ ବିଶ୍ୱମ୍ବର ସାହୁ, ହେମନ୍ତ ସାହୁ, କାର୍ତ୍ତିକ ସାହୁ, ପବିତ୍ର ମାଝୀ, ନରସିଂହ ତାଣ୍ଡି, ବିଶ୍ୱନାଥ ନାଏକ, ଭୁବନେଶ୍ୱର ନାଗ, ପୁରୋତ୍ତମ ମାଝୀ, ଉର୍ମିଳା ମାଝୀ ପ୍ରମୁଖଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଉପ ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ କାଉଡୋଲା ସରପଞ୍ଚ ଜମ୍ବୁବତୀ ସାହୁ, ପିଇଓ ନିଳାଦ୍ରୀ ମେହେର, ବିଭାଗୀୟ ସହକାରୀ ଯନ୍ତ୍ରୀ ଦିଗାମ୍ବର ପାତ୍ର, କୋକସରା ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଫନିନ୍ଦ୍ର ଆର୍କା, ଯଶୋବନ୍ତି ଭୋଇ, ଏବିଡିଓ ପୁରୋତ୍ତମ ଧରୁଆ ଉପସ୍ଥିତ ରହିଥିଲେ।

# ପାଇପ୍ ବିଛାବେଳେ ରାସ୍ତା ଫଟାଉଛି ଠିକାସଂସ୍ଥା



ବିଭିନ୍ନ ବିଭାଗ ଯନ୍ତ୍ରୀମାନେ ଲୋକଙ୍କସହ ଆଲୋଚନା କରୁଛନ୍ତି।

**ବିନିକା,୨୨।୫(ଡି.ଏନ୍.ଏ.)**

**ବିଭାଗୀୟ ଯନ୍ତ୍ରୀଙ୍କ ପରିଦର୍ଶନ ପରେ ସମାଧାନ ପ୍ରତିଶ୍ରୁତି**

ସୁବର୍ଣ୍ଣପୁର ଜିଲା ବିନିକା ଏବଂ ଡୁଙ୍ଗରିପାଲି ବ୍ଲକ ଅଞ୍ଚଳରେ ପାଇପ୍ ଯୋଗେ ପାନୀୟ ଜଳ ଘରକୁ ଘର ଯୋଗାଇ ଦେବା ପାଇଁ ସରକାରଙ୍କ ପାଇପ୍ ଲାଇନ୍ ଫର ମେଗା ପିଡବ୍ଲ୍ୟୁଏସ୍ ଯୋଜନାରେ ୧୨୦ କୋଟି ଟଙ୍କା ବ୍ୟୟବରାଦ ରହିଛି। ଜାବେରୀ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥା ଏହି କାମ ହାତକୁ ନେଇଛି। ହେଲେ ପାଇପ ବିଛା ସମୟରେ ଠିକାସଂସ୍ଥା ରାସ୍ତାସବୁ ଫଟାଇ କାମ କରୁଛି। ଏପରିକି କେତେକ ସ୍ଥାନରେ ରାସ୍ତାରେ ଗାତ ଖୋଳି ଦିନ ଦିନ ପକାଇ ଦେଉଥିବା ଅଭିଯୋଗ ହେଉଛି। ଏଭଳି ମନମୁଖୀ କାର୍ଯ୍ୟ ବିରୋଧରେ ରାମପୁର ଓ ଅମାମୁଣ୍ଡା ଗ୍ରାମବାସୀ ପ୍ରତିବାଦ କରିଥିଲେ । ଏ ନେଇ ସେମାନେ ଜିଲା ଯୁବ ବିଜେଡି ଉପସଭାପତି ରମେଶ ଚନ୍ଦ୍ର ପୂଜାରୀ, ରାମପୁର ସମିତି ସଭ୍ୟ ମନୋଜ ପୁରୋହିତ, ଗଣେଷ ଭୋଇଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ରାଜ୍ୟ ଅର୍ଥମନ୍ତ୍ରୀ, ଜିଲା ଆରଡବ୍ଲୁଏସଏସ ଓ ଆରଡି ମୁଖ୍ୟଯନ୍ତ୍ରୀ, ଆରକ୍ଷୀ ଅଧୀକ୍ଷକ, ରାମପୁର ଥାନାଧିକାରୀଙ୍କୁ ଜଣାଇ ଦିଆଯାଇଥିଲା। ଭାଙ୍ଗିଥିବା ରାସ୍ତା ମରାମତି ଓ କର୍ଯ୍ୟାନୁଷ୍ଠାନ ପାଇଁ ଏଥିରେ ଦାବି କରାଯାଇଥିଲା। ଲୋକଙ୍କ ପ୍ରତିବାଦକୁ ସମ୍ମାନ ଜଣାଇ ଶନିବାର ଆରଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ଦେବୀ ପ୍ରସାଦ ରଥ, ଆରଡି ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ବେହେରା, ଅତିରିକ୍ତ ଯନ୍ତ୍ରୀ ପ୍ରଭାତ କୁମାର ମହାନ୍ତି, ରାମପୁର ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ ଅମାମୁଣ୍ଡା ଓ ରାମପୁର ଅଞ୍ଚଳରେ ସଂସ୍ଥା ପକ୍ଷରୁ ଭଙ୍ଗା ଯାଇଥିବା ରାସ୍ତା ପରିଦର୍ଶନ କଲେ। ଆଗକୁ ଲୋକଙ୍କ ସହମତିରେ କାମ କରିବାକୁ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ ଚେତାବନୀ ଦେଇଥିଲେ। ସମ୍ପୃକ୍ତ ଠିକାସଂସ୍ଥା ଏଥିରେ ଏକମତ ହୋଇଥିଲେ।

# ୫ଦିନ ପାଇଁ ତଳମଲା ପଞ୍ଚାୟତ ଶଟ୍‌ଡାଉନ

**କୁନାଗଡ,୨୨।୫(ଡି.ଏନ୍.ଏ)**




ସରପଞ୍ଚଙ୍କ ଉପସ୍ଥିତିରେ ମୁଖ୍ୟ ରାସ୍ତାରେ ବାଡ ଦିଆଯାଇଛି।

କଳାହାଣ୍ଡି ଜିଲା କୁନାଗଡ ବ୍ଲକ ତଳମଲା ପଞ୍ଚାୟତରେ କରୋନା ସଂକ୍ରମଣ ବଢୁଥିବାରୁ ୫ଦିନ ପାଇଁ ପଞ୍ଚାୟତକୁ ସ୍ଥାନୀୟ ସରପଞ୍ଚ ଦୁଷିଲା ମାଝୀ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହା ପୂର୍ବରୁ ସରପଞ୍ଚ ମାଝୀଙ୍କ ଉଦ୍ୟମ କ୍ରମେ ପଞ୍ଚାୟତରେ ଏକ କ୍ୟାମ୍ପ କରି ସ୍ଥାନୀୟ ଲୋକଙ୍କ କୋଭିଡ ପରୀକ୍ଷା କରାଯାଇଥିଲା। ଯେଉଁମାନଙ୍କୁ କୋଭିଡ ପଜିଟିଭ ବାହାରିଥିଲା ସେମାନଙ୍କୁ ହୋମ ଆଏସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଥିଲା। କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଓ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାରୁ ଗୋଷ୍ଠୀ ସଂକ୍ରମଣ ହେବା ଆଶଙ୍କା କରି ସରପଞ୍ଚ ମାଝୀ ଏହି ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ତଳମଲା ପଞ୍ଚାୟତର ମୁଖ୍ୟ ରାସ୍ତାରେ ବାଡ ଦିଆଯାଇଛି। ଯାହାଫଳରେ ପଞ୍ଚାୟତ ଭିତରର ଲୋକ ଓ ବାହାର ଲୋକଙ୍କ ଚଳାଚଳ ବନ୍ଦ ହୋଇଛି। ସେହିପରି ଶଟ୍‌ଡାଉନ ସମୟରେ ସମସ୍ତେ କୋଭିଡ ନିୟମ ମାନି ଘରେ ରହିବାକୁ ସରପଞ୍ଚ ମାଝୀ ନିବେଦନ କରିଛନ୍ତି। ୨୦ତାରିଖ ଅପରାହ୍ନରୁ ହୋଇଥିବା ଏହି ଶଟ୍‌ଡାଉନ ଆସନ୍ତା ୨୪ ତାରଖ ରାତି ଯାଏ ରହିବ।

# ରାଶନ ବାଣ୍ଟିଲେ ସ୍ୱେଚ୍ଛାସେବୀ

**ବରଗଡ଼ ଅଫିସ୍,୨୨।୫**

ବରଗଡ଼ ଜନକଲ୍ୟାଣ ସେବା ଟ୍ରଷ୍ଟ ଏବଂ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଶନିବାର ବରଗଡ଼ର ବିଭିନ୍ନ ସ୍ଥାନରେ ୭୮ଜଣଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଜନ କଲ୍ୟାଣ ସେବା ଟ୍ରଷ୍ଟର ମୁକୁନ୍ଦ ଦାଶ, ମହିଳା ପ୍ରମୁଖ ମେନକା ବାଗ, ରିଲାଏନ୍ସ ଫାଉଣ୍ଡେଶନର ଜିଲା ସଂଯୋଜକ ଅଶୋକ ମଲ୍ଲିକ ପ୍ରମୁଖ ବିଭିନ୍ନ ପଡ଼ାକୁ ଯାଇ ତାହା ବିତରଣ କରିଥିଲେ। ସେହିପରି ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଂଯୋଜକ ପରିକ୍ଷୀତ ଛତର ନାଗେନପାଲି ପଣ୍ୟାଗାରକୁ ଯାଇ ସେଠାରେ ନିୟୋଜିତ ଶ୍ରମିକମାନଙ୍କୁ ମାସ୍କ ବଣ୍ଟନ କରିଥିଲେ।



ସ୍ୱେଚ୍ଛାସେବୀମାନେ ରାଶନ ସାମଗ୍ରୀ ବଣ୍ଟନ କରୁଛନ୍ତି ।

# ମାନୁନାହାନ୍ତି ଲୋକେ, ଅଡୁଆରେ ପ୍ରଶାସନ

**ବଲାଙ୍ଗୀର ଅଫିସ, ୨୨।୫**



ବଲାଙ୍ଗୀର ମାଛ ବଜାରରେ ଲୋକଙ୍କ ଗହଳି।

**ମାଛ ବଜାରରେ କୋଭିଡ ଗାଇଡଲାଇନ ଉଲ୍ଲଂଘନ**

ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲେ ମଧ ଅତ୍ୟାବଶ୍ୟକ ସାମଗ୍ରୀ ଓ ଖାଦ୍ୟପାନୀୟ କ୍ରୟବିକ୍ରୟ ଉପରେ ସାମାନ୍ୟ କୋହଳ ମନୋଭାବ ପୋଷଣା କରାଯାଇଛି। ମାତ୍ର ଏହାର ଫାଇଦା ନେଇ କେତେକ କୋଭିଡ ଗାଇଡ ଲାଇନର ଉଲ୍ଲଂଘନ କରୁଛନ୍ତି । ପ୍ରତିଦିନ ବଲାଙ୍ଗୀର ସହରରେ ସକାଳ ୭ଟାରୁ ୧୧ଟା ମଧ୍ୟରେ ବିଶେଷ କରି ମାଛବଜାର ଓ ପନିପରିବା କିଣାବିକାବେଳେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହେଉଛି। ବଲାଙ୍ଗୀର ରୁରୁଡିପଡା ମାଛବଜାରରେ ଉଭୟ କେତ୍ରା ଓ ବିକ୍ରେତା କୋଭିଡ ଗାଇଡଲାଇନ୍ ପାଳନ କରୁ ନ ଥିବା ଦେଖାଯାଉଛି । ସହର ମଧ୍ୟସ୍ଥଳ ଏବଂ ଭିଆଇପି ରାସ୍ତାରେ ଥିବାରୁ ଏଠାକୁ ପ୍ରାୟ ସହରର ସବୁ ଅଞ୍ଚଳରୁ ଲୋକେ ମାଛ କିଣିବା ପାଇଁ ଆସି ଭିଡ କରୁଛନ୍ତି। ଏଥିଯୋଗୁଁ ଏଠାରେ ସଂକ୍ରମଣ ବଢ଼ିବା ଆଶଙ୍କା ପ୍ରକାଶ ପାଉଛି। ମ୍ୟୁନିସିପାଲିଟି, ପ୍ରଶାସନିକ ଅଧିକାରୀ ଓ ପୋଲିସ ଟିମ୍ ଏଠାକୁ ଆସି ଉଭୟ କେତ୍ର ଓ ବିକ୍ରେତାଙ୍କୁ ତାଗିଦ୍ କରିଛନ୍ତି। ମାତ୍ର କିଛିଦିନ ପରେ ପୁଣି ସାମାନ ସ୍ଥିତି ଦେଖିବାକୁ ମିଳୁଛି । ଗତବର୍ଷ କରୋନା ମହାମାରୀ ଲକ୍‌ଡାଉନ୍ ସମୟରେ ଏହି ମାଛ ମାର୍କେଟକୁ କୋଶଳ କଳାମଣ୍ଡଳ ପଡିଆ ଭିତରକୁ ସ୍ଥାନାନ୍ତର କରାଯାଇଥିଲା। ଚଳିତବର୍ଷ ଲକ୍‌ଡାଉନ୍ ଘୋଷଣା ପରେ ଡେଲିମାର୍କେଟରେ ଅସମ୍ଭାଳ ଭିଡ ହେବା ଓ ବାରମ୍ବାର ତାଗିଦ୍ କରିବା ପରେ ମଧ ପନିପରିବା ବ୍ୟବସାୟୀମାନେ ଏହାକୁ ଖାତିର ନ କରିବାରୁ ଜିଲା ପ୍ରଶାସନ କଡାକଡି ଆଭିମୁଖ୍ୟ କରିବା ପରେ ଡେଲିମାର୍କେଟ ପରିବା ବ୍ୟବସାୟୀମାନେ ଶେଷରେ କୋଶଳ କଳାମଣ୍ଡଳକୁ ଆସିଥିଲେ। ବଲାଙ୍ଗୀର ଜିଲା କରୋନା ସଂକ୍ରମଣରେ ଆଜି ବି ରେଡ୍‌ଜୋନ୍‌ରେ ରହିଛି । ଏଠାରେ ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଏଭଳି ସମୟରେ ଜିଲା ସଦର ମହକୁମାରେ ଭିଡ ଓ କୋଭିଡ ଗାଇଡଲାଇନ୍ ଉଲଂଘନ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲିଟିଛି। ମ୍ୟୁନିସିପାଲିଟି ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚରାଯିବାରୁ ବାରମ୍ବାର ତାଗିଦ୍ ସତ୍ତ୍ୱେ କେତେକ କୋଭିଡ ଗାଇଡଲାଇନ୍ ଉଲଂଘନ କରୁଛନ୍ତି। ଦୁଇଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ୍ ପରେ ଆସନ୍ତା ସୋମବାରଠାରୁ ମାଛ ମାର୍କେଟ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି ।